## ସଂକ୍ଷେପରେ

### ୭୭ ଅଭିଯୋଗର ଶୁଣାଣି

ଅନୁଗୋଳ ଅଫିସ,୨୭।୨- ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଏହି ଶିବିରରେ ଉପସ୍ଥିତ ଥିଲେ। ଦାଖଲ ହୋଇଥିବା ମୋଟ ୭୭ ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିରୁ ୬୯ଟି ବ୍ୟକ୍ତିଗତ ଓ ୮ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗ ରହିଥିଲା। ଅଭିଯୋଗଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ଦାଖଲ ହୋଇଥିବା ୭୭ ଅଭିଯୋଗ ମଧ୍ୟରୁ ୧୨ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ଛେଣ୍ଡିପଦା,୨୭।୨(ସ୍ୱ.ପ୍ର.)- ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଟାଙ୍ଗର ସାହିରେ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଟାଙ୍ଗରସାହିର ଶୁଭାଶିଷ ପଲେଇଙ୍କ ସ୍ତ୍ରୀ ଲାବଣ୍ୟ ନାୟକ ଘର ସମ୍ମୁଖରେ ଛିଡା ହୋଇଥିବା ବେଳେ ସେହି ଗ୍ରାମର ନିଧିଆ ଦେହୁରୀ ଓ ତାଙ୍କ ସ୍ତ୍ରୀ ପୂର୍ବ ଶତ୍ରୁତାକୁ ନେଇ ଗାଳିଗୁଜ କରିବା ସହିତ ଏକ ଠେଙ୍ଗାରେ ମୁଣ୍ଡକୁ ପିଟିଦେଇଥିଲେ। ଲାବଣ୍ୟ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ନଂ. ୩୫/୨୩ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଅସଦାଚରଣ ଅଭିଯୋଗରେ ୨ ଗିରଫ

ଛେଣ୍ଡିପଦା,୨୭।୨(ସ୍ୱ.ପ୍ର.)- ଅନୁଗୋଳ ଜିଲା ବାଗଡିଆ ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ପୋଲିସ କହିଛି, ବାଗଡିଆ ଥାନା ଅଞ୍ଚଳରେ ସମ୍ପୃକ୍ତା ଯୁବତୀଙ୍କୁ ମନୋଜ ନାଏକ ଓ ବୈକୁଣ୍ଠ ନାଏକ ଅସଦାଚରଣ ଉଦ୍ୟମ କରିଥିଲେ। ଜଣେ ଯୁବତୀ ଏହା ଦେଖି ପାଟି କରିବାରୁ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ। ଏ ନେଇ ଥାନାରେ ଯୁବତୀ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ ୨୨/୨୩ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହିତ ମନୋଜ ଓ ବୈକୁଣ୍ଠଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଫେରାର ଅଭିଯୁକ୍ତ ଗିରଫ

ଭୁବନ, ୨୭।୨(ଡି.ଏନ.ଏ.)-ଢେଙ୍କାନାଳ ଜିଲା ଭୁବନ ଥାନା ନୟାନୀଳକଣ୍ଠପୁର ଗ୍ରାମର ବାସୁଦେବ ରାଉତଙ୍କୁ ସୋମବାର ଭୁବନ ଓ ଢେଙ୍କାନାଳ ଟାଉନ ଥାନା ପୋଲିସ ଗିରଫ କରିଛି। ବାସୁଦେବ ଟଙ୍କା ଠକେଇ କରିଥିବା ନେଇ ରାଜ୍ୟର ବିଭିନ୍ନ ଥାନାରେ ଅଭିଯୋଗ ରହିଛି। ଢେଙ୍କାନାଳ ଆଇସିସି ୪୨/୧୮, ଜଗତସିଂହପୁର ଏସ୍‌ଡିଜେଏମ ଆଇସିସି ୧୦/୨୨, ଯାଜପୁର ଜିଲା ସୁକିନ୍ଦା ଜେଏମ୍‌ଏଫସି ଆଇସିସି ୩୯/୨୨, ଭୁବନ ଜେଏମଏଫସି ଆଇସିସି ୧୦୯/୨୦୧୯ ଓ ବାଲେଶ୍ୱର ଟାଉନ ଥାନା କେସ୍ ନମ୍ବର ୧୪୯ /୨୦୨୧ରେ ମାମଲା ରୁଜୁ ହୋଇଛି। ସେ ଦୀର୍ଘଦିନ ହେବ ଫେରାର ଥିଲେ। ବିଶେଷ ସୂତ୍ରରୁ ଖବରପାଇ ଭୁବନ ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ଓ ଢେଙ୍କାନାଳ ଟାଉନ ଥାନା ପୋଲିସ ଚଢ଼ାଉ କରି ଗିରଫ କରିଥିଲେ। ଅଧିକ ତଦନ୍ତ ପାଇଁ ବାସୁଦେବଙ୍କୁ ଢେଙ୍କାନାଳ ସ୍ଥାନାନ୍ତର କରାଯାଇଛି।

# ଗାଁକୁ ରାସ୍ତା ସଂଯୋଗ ଦାବି



ଅନୁଗୋଳ ଅଫିସ, ୨୭।୨

ଅନୁଗୋଳ ଜିଲା ଦେଇ ଯାଉଥିବା ନଂ ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ପରେ ଉଭୟ ପାର୍ଶ୍ୱରେ ଥିବା ଲୋକମାନେ ଅଡୁଆରେ ପଡୁଛନ୍ତି। ଏଭଳି କି ଗାଁକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବିଶେଷକରି ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ହେଉଥିବାରୁ ଗାଁକୁ ସଂଯୋଗ ବିଚ୍ଛିନ୍ନ ହେଉଛି। ଉକ୍ତ ଡ୍ରେନ୍ ଉପରେ ପୋଲ ନିର୍ମାଣ କରି ରାସ୍ତାକୁ ସଂଯୋଗ କରିବା ପାଇଁ ବଆଁରପାଳ ବ୍ଲକର ନୂଆହତା ଗ୍ରାମବାସୀ ଦାବି କରିଛନ୍ତି। ସୋମବାର ଜିଲାପାଳଙ୍କ ନିକଟରେ ଗ୍ରାମବସୀ ଲିଖିତ ଭାବେ ଏହି ଦାବିପ୍ରଦାନ କରିଛନ୍ତି। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ନୂଆ ଡ୍ରେନ୍ କାର୍ଯ୍ୟ କରାଯାଉଛି। ଫଳରେ ଗ୍ରାମବାସୀ ରାସ୍ତାକୁ ବାହାରିବା ପାଇଁ ସମସ୍ୟା ହେଉଛି। କେବଳ ରାସ୍ତାକୁ ବାହାରିବାକୁ ନୁହେଁ, ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଯିବା ଆସିବା କରିବା ମଧ୍ୟ କଷ୍ଟସାଧ୍ୟ ହୋଇପଡୁଛି। ଜରୁରି ପରିସ୍ଥିତିରେ ଡାକ୍ତରଖାନାକୁ ରୋଗୀଙ୍କୁ ନେବା ପାଇଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ୪୬୪ ଛାତ୍ରୀଛାତ୍ର ଦେଲେ ମେଧାବୃତ୍ତି ପରୀକ୍ଷା

ବଇଣ୍ଡା, ୨୭।୨ (ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ନୋଡାଲ ଉଚ୍ଚ ବିଦ୍ୟାଳୟ ଓ କିଶୋରନଗର ହାଇସ୍କୁଲରେ ସୋମବାର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨ଟି ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଅନୁଷ୍ଠିତ ହୋଇଛି। କିଶୋରନଗର ହାଇସ୍କୁଲରେ ଷଷ୍ଠ ଶ୍ରେଣୀର ୧୨୨ ଛାତ୍ରୀଛାତ୍ର ଓ ନବମ ଶ୍ରେଣୀର ୧୪୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭାତ ସାହୁ ଓ ପର୍ଯ୍ୟବେକ୍ଷକ ଭାବେ ଏବିଇଓ ନରୋତ୍ତମ ପ୍ରଧାନ ଯୋଗଦେଇ ଯାଞ୍ଚ ଥିଲେ । ସେହିପରି ବଇଣ୍ଡା ହାଇସ୍କୁଲରେ ଷଷ୍ଠ ଶ୍ରେଣୀର ୧୧୯ ଛାତ୍ରୀଛାତ୍ର ଓ ନବମ ଶ୍ରେଣୀର ୯୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଶ୍ନ କୁମାର ରାଉଳ ସୁପରିଣ୍ଟେଣ୍ଡେଣ୍ଟ ଓ ପ୍ରମୋଦ କୁମାର ପ୍ରଧାନ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ପରୀକ୍ଷା କେନ୍ଦ୍ର ଯାଞ୍ଚ କରିଥିଲେ।

# ଚୋରି ହୋଇଥିବା ନଗରପାଳଙ୍କ ଟ୍ରକ୍ ଜବତ

ଅନୁଗୋଳ ଅଫିସ, ୨୭।୨

ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ ଟ୍ରକ୍ ଅମଲାପଡ଼ା ୬ଷ୍ଠ ଲେନ୍‌ରୁ ଚୋରି ହୋଇଥିବା ବେଳେ ତାହାକୁ ପୋଲିସ ଅନ୍ୟସ୍ଥାନରୁ ଜବତ କରିଛି। ପୋଲିସ କହିଛି, ଟ୍ରକ୍ ଚୋରି ସମ୍ପର୍କରେ ଅଭିଯୋଗ ପରେ ନଂ. ୧୦୨/୨୩ରେ ମାମଲା ରୁଜୁ ହୋଇ ତଦନ୍ତ କରାଯାଇଥିଲା। ନଗରପାଳଙ୍କ ଟ୍ରକ୍ (ନଂ ଓଡ଼ି-୧୯ -ଏମ୍-୨୯୦୧) ରବିବାର ରାତିରେ ଅମଲାପଡ଼ାର ୬ଷ୍ଠ ଲେନ୍‌ର ରାସ୍ତା ଉପରେ ଛିଡ଼ା ହୋଇଥିଲା। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଉକ୍ତ ଟ୍ରକ୍‌କୁ ଚୋରାଇ ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅନ୍ୟପଟେ ଉକ୍ତ ଟ୍ରକ୍‌କୁ ନାଲ୍‌କୋ ଥାନା କୁଲାଡ଼ ସ୍କୁଲ ସମ୍ମୁଖରୁ ଅନୁଗୋଳ ଥାନା ଏସଆଇ ପ୍ରଶାନ୍ତ ପ୍ରଧାନ ଜବତ କରିଛନ୍ତି। ରାସ୍ତାରେ ଦୁର୍ବୃତ୍ତ ଟ୍ରକ୍ ଛାଡ଼ି ଦେଇ ଚାଲିଯାଇଥିବା ଜଣାପଡ଼ିଛି। ପରେ ନଗରପାଳଙ୍କ ପୁଅଙ୍କୁ ଉକ୍ତ ଟ୍ରକ ପ୍ରଦାନ କରାଯାଇଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ଦିଆଯାଇଛି।




# କୂଅରେ ପଡ଼ି ବାଳିକାଙ୍କ ମୃତ୍ୟୁ

## ଖେଳୁଥିବା ବେଳେ ଖସି ପଡ଼ିଥିଲେ

ଛେଣ୍ଡିପଦା,୨୭।୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ବାଗଡିଆ ଥାନା ପାଟକୁମୁଣ୍ଡା ପଞ୍ଚାୟତ ବାଘୁଆବୋଲ ଗ୍ରାମରେ କୂଅରେ ପଡିଜଣେ ବାଳିକାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସେହି ଗ୍ରାମର କୁନା ନାଏକଙ୍କ ଝିଅ ଟିକେଶ୍ୱରୀ ନାଏକ(୯)। ପୋଲିସ କହିଛି, ଟିକେଶ୍ୱରୀ ସୋମବାର ଓପରବେଳା ଘରେ ଖେଳୁଥିଲେ। ଏହି ସମୟରେ ପରିବାର ସଦସ୍ୟ ଘରେ ନ ଥିଲେ। ଖେଳୁଥିବା ସମୟରେ ଘର ଅଗଣା ଭିତରେ ଥିବା ଏକ କୂଅ ଭିତରେ ସେ ପଡି ଯାଇଥିଲେ। ପରିବାର ଲୋକ ଘରେ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ଟିକେଶ୍ୱରୀଙ୍କ ସନ୍ଧାନ ପାଇ ନ ଥିଲେ। କୂଅ ଭିତରେ ପଡି ଯାଇଥିବା ସନ୍ଦେହ କରି ପରିବାର ଲୋକେ ଛେଣ୍ଡିପଦା ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଖବରପାଇ ଦମକଳ ବିଭାଗର କର୍ମଚାରୀମାନେ କୂଅ ଭିତରେ ପଶି ଟିକେଶ୍ୱରୀଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ଘଟଣାକୁ ନେଇ ପରିବାର ଲୋକେ ବାଗଡିଆ ଥାନାକୁ ଖବର ଦେଇଥିଲେ। ଖବରପାଇ ବାଗଡିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

ତାଳଚେର, ୨୭।୨ (ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ ବାଟିକା ବିଭାଗର ପ୍ରଥମ ପର୍ଯ୍ୟାୟ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିଚାଳନା ସମିତି ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ନିର୍ମଳ କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଭାବରେ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିଶୁବାଟିକା ପ୍ରମୁଖ ଆଚାର୍ଯ୍ୟ କୁମୁଦ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ, ଆଚାର୍ଯ୍ୟା ସରସ୍ୱତୀ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟ ବକ୍ତା ପ୍ରଧାନ ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ମାତାପିତା ଓ ବିଦ୍ୟାଳୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆଚାର୍ଯ୍ୟା କଳ୍ପନା ସାହୁ ଓ ସବିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅର୍ଚ୍ଚନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବସନ୍ତ କୁମାର ମହାନ୍ତି, ରୀତା ଭୂତିଆ, ରଞ୍ଜୁବାଳା ସାହୁ, ଶାନ୍ତିପ୍ରିୟା ପ୍ରଧାନ, ହିମାଂଶୁ ଦାସ, ସଞ୍ଜୟ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ହୁଣ୍ଡି ଭାଙ୍ଗି ଚୋରି

ଅନୁଗୋଳ ଅଫିସ,୨୭।୨

ଅନୁଗୋଳ ଜିଲା ନାଲ୍‌କୋ ଥାନା ବଳରାମ ପ୍ରସାଦ ସିଦ୍ଧେଶ୍ୱର ଓ ଐଶାନେଶ୍ୱର ମନ୍ଦିରରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ପୂଜକ ଓ ସଭାପତିଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୩/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ମନ୍ଦିରରେ ଦୁର୍ବୃତ୍ତମାନେ ପଶି ଦାନହୁଣ୍ଡି ସହ ଦେବୀଙ୍କ ଅଳଙ୍କାର ଓ ଅନ୍ୟ ପୂଜା ସାମଗ୍ରୀ ଲୁଟି ନେଇଥିଲେ। ଏ ନେଇ ପୂଜକ ମନ୍ଦିର ସଭାପତି ଓ ପରିଚାଳନା କମିଟିକୁ ଅବଗତ କରିଥିଲେ। ମା ଦୁର୍ଗାଙ୍କ ଗହଣା, ଟଙ୍କା, ମାଇକ୍ ମେସିନ୍ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ଦାନ ବାକ୍ସରୁ ଟଙ୍କା ଚୋରି ହୋଇଛି।

# ୩ ଧରାପଡ଼ିଲେ, ୨ ଫେରାର

- ବର୍ଷ ବର୍ଷ ଧରି କରିଆସୁଥିଲେ ଚୋରି
- ଲକ୍ଷାଧିକ ଟଙ୍କାର ସୁନାଗହଣା ଜବତ



ଖବରଦାତା ସମ୍ମିଳନୀରେ ଏସ୍‌ପି ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ, ୨୭।୨

ବାଲେଶ୍ୱର ସହର ହରିପୁର ଅଞ୍ଚଳର ଶରତ କୁମାର ନାୟକଙ୍କ ଘରୁ ଓ ତାଙ୍କ ବନ୍ଧୁବାନ୍ଧବଙ୍କ ଘରୁ ବାରମ୍ବାର ଚୋରି ହେଉଥିବା ନେଇ ସହଦେବଖୁଣ୍ଟା ଥାନାରେ ଅଭିଯୋଗ ହୋଇଥିଲା। ବର୍ଷାଧିକ କାଳ ଧରି ଏହି ଚୋରିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିବା ବେଳେ ଆଉ ୨ଜଣ ଫେରାର ହୋଇଯାଇଛନ୍ତି। ଗିରଫ ୩ଜଣ ହେଲେ ରେମୁଣା ଥାନା କୁରୁଣିଆପାଟଣା ଅଞ୍ଚଳର ୧୯ବର୍ଷର ଜଣେ ଯୁବକ, ସିଂଲା ଥାନା ଅଧୀନ ୨୯ ଓ ୪୨ବର୍ଷର ଦୁଇଜଣ ମହିଳା। ସେମାନଙ୍କ ନିକଟରୁ ୧୦୬.୩୯ ଗ୍ରାମ୍ ଓଜନର ସୁନାଗହଣା, ଗୋଟିଏ ବାଇକ୍ ସହିତ ନଗଦ ୨୦ହଜାର ଟଙ୍କା ଜବତ କରାଯାଇଥିବା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।

ଗିରଫ ଯୁବକଜଣକ ଶରତଙ୍କ ନାବାଳିକା ଝିଅ ମାଧ୍ୟମରେ ଏହି ଚୋରି ଚଳାଇଥିବା ଜଣାପଡ଼ିଥିଲା। ନାବାଳିକାଙ୍କ ବନ୍ଧୁସାଜିଥିବା ଯୁବକ ତାଙ୍କୁ ଡରାଇ ଧମକାଇ ଏହି ଚୋରି କରୁଥିଲେ। ଚୋରିଗହଣାକୁ ସେ ନେଇ ଅନ୍ୟ ଜଣଙ୍କୁ ଦେଉଥିଲେ। ଉକ୍ତ ଯୁବକ ସବୁ ସୁନାଗହଣା ତାଙ୍କ ସ୍ତ୍ରୀ ଓ ଭଉଣୀ ପାଖରେ ରଖୁଥିଲେ। ସେଥିରୁ ଆବଶ୍ୟକ ମୁତାବକ ସୁନାବନ୍ଧକ ଦେଇ ବାଲେଶ୍ୱରର ଆଇଆଇଏଫ୍‌ଏଲ୍ ଫାଇନାନ୍ସରୁ ଗୋଲଡ ଲୋନ୍ ଓ ଫେଡେରାଲ ବ୍ୟାଙ୍କର ନିଧିପଣ୍ଡା ବ୍ରାଞ୍ଚରୁ ଋଣ ନେଇଛନ୍ତି। ଏପରିକି ସୁନା ଋଣରୁ ଯୁବକଜଣକ ଏକ ୟାମାହା ବାଇକ୍ କିଣିଥିବା ଜଣାପଡ଼ିଛି। ନାବାଳିକାଙ୍କ ମାଧ୍ୟମରେ ସୁନା ଆଣୁଥିବା ଯୁବକଜଣକ ଗିରଫ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଗାୟତ୍ରୀବାଳା ପ୍ରଧାନ ଓ ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ଉପସ୍ଥିତ ଥିଲେ।

# ପୋଲିସ ହାତରୁ ଖସିଗଲେ ଅଭିଯୁକ୍ତ

ପଦ୍ମପୁର, ୨୭।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଥାନା ପୋଲିସ ଏକ ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଛତିଶଗଡ଼ରୁ ଧରି ଆସୁଥିଲା। ସମ୍ବଲପୁର ଜିଲା ରେଢ଼ାଖୋଲ ନିକଟରେ ପୋଲିସ ଆଖିରେ ଧୂଳି ଦେଇ ଅଭିଯୁକ୍ତ ଖସି ଯାଇଛନ୍ତି। ସୂଚନା ଅନୁଯାୟୀ, ଚୋରି ମାମଲାରେ ଅଭିଯୁକ୍ତ ଚାନ୍ଦବାଲି ଥାନା ଅଧୀନ ବଡ଼ହରିପୁର ଗ୍ରାମର ବିକାଶ ରାୟଙ୍କୁ ବାସୁଦେବପୁର ପୋଲିସ ଗିରଫ କରି ଆସୁଥିବା ବାଟରେ ଶନିବାର ଭୋର ସମୟରେ ରେଢ଼ାଖୋଲଠାରେ ଗାଡ଼ି ରଖି ଚା' ପିଉଥିଲେ। ଏହାର ସୁଯୋଗରେ ବିକାଶ ଗାଡ଼ିରୁ ଖସି ପଳାଇଥିଲେ। ରେଢ଼ାଖୋଲ ପୋଲିସ ସହାୟତାରେ ବାସୁଦେବପୁର ପୋଲିସ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନାହିଁ। ବାସୁଦେବପୁର ଏଏସ୍‌ଆଇ ଦୀପ୍ତିରଞ୍ଜନ ବଡ଼ଜେନା ରେଢ଼ାଖୋଲ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ.୫୨/୨୩) ରୁଜୁ ହୋଇଛି।

# ମୋବାଇଲ ବଦଳରେ ଆସିଲା ଜୋତା, ବେଲ୍ଟ

## ଲଟେରି ନାଁରେ ଠକେଇ

ପାଟଣା,୨୭।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଣ୍ଟିଆପଡ଼ାର ରଞ୍ଜନ ବେହେରା ଅନଲାଇନ୍ ଠକେଇର ଶିକାର ହୋଇଛନ୍ତି। ମୋବାଇଲ ଲଟେରି ଉଠିଥିବା କହି ଦୁର୍ବୃତ୍ତ ତାଙ୍କଠାରୁ ୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ମୋବାଇଲ ବଦଳରେ ଜୋତା, ବେଲ୍ଟ ଓ ପର୍ସ ଆସିଥିବା ରଞ୍ଜନ କହିଛନ୍ତି। ରଞ୍ଜନ ପେସାରେ ଜଣେ ଡ୍ରାଇଭର ହୋଇଥିବା ବେଳେ କିଛିଦିନ ପୂର୍ବରୁ ତାଙ୍କ ମୋବାଇଲକୁ ଜଣେ ଯୁବତୀ ୯୮୯୧୧୯୪୦୭୩୭ ନମ୍ବରରୁ ଫୋନ୍ କରିଥିଲେ। ତାଙ୍କ ମୋବାଇଲ ନମ୍ବର ୬୩୭୦୦୭୬୭୩୯ରେ ଜିଓର ଅଫର ଅଛି। ଏଥିସହ ଲଟେରୀରେ ଏକ ରେଡ୍‌ମି ନୋଟ-୧୦ ପ୍ରୋ ବାଜିଛି ବୋଲି କହିଥିଲେ। ଏଥିପାଇଁ ରଞ୍ଜନଙ୍କୁ ୪ ହଜାର ୬ ଶହ ଦେବାକୁ ପଡ଼ିବ। ସୋମବାର ପୋଷ୍ଟ ଅଫିସରୁ କ୍ୟାସ ଅନ ଡେଲିଭରି ପାର୍ଶଲ ଆସିବା ପରେ କଣ୍ଟିଆପଡ଼ା ଡାକଘରକୁ ଯାଇ ରଞ୍ଜନ ୪ ହଜାର ୬୦୦ ଟଙ୍କା ଦେଇ ପାର୍ଶଲ ଖୋଲିଥିଲେ। ମାତ୍ର ପାର୍ଶଲରୁ ଜୋତା, ବେଲ୍ଟ ଓ ଏକ ପର୍ସ ମିଳିଥିଲା। ତାହା ସମୁଦାୟ ୧ ହଜାର ମଧ୍ୟ ହେବନାହିଁ। ଏହା ଦେଖିବା ପରେ ରଞ୍ଜନ ଆଶ୍ଚର୍ଯ୍ୟ ହେବା ସହ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ତୁରୁମୁଙ୍ଗା ଥାନାରେ ମଙ୍ଗଳବାର ଅଭିଯୋଗ କରିବେ ବୋଲି କହିଛନ୍ତି।

## ଇପିଏଫ୍ ପେନସନର୍ସ ଆସୋସିଏଶନ

# ୪ ଦଫା ଦାବିରେ ଧାରଣା

କେନ୍ଦୁଝର,୨୭।୨(ଡିଏନ୍‌ଏ)

ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଆହ୍ୱାନରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ଇପିଏଫ୍ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ମାସିକ ସର୍ବନିମ୍ନ ପେନସନ ୯ ହଜାର ଟଙ୍କା, ମହଙ୍ଗା ଭତ୍ତା ପ୍ରଦାନ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ଏବଂ ସମସ୍ତ ଇପିଏଫ୍ ପେନସନଭୋଗୀଙ୍କୁ ସରକାରୀ ଯୋଜନାରେ ମାଗଣା ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ଆଦି ୪ ଦଫା ଦାବିରେ ପ୍ରତିନିଧି ମଣ୍ଡଳୀ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଆଞ୍ଚଳିକ ଭବିଷ୍ୟନିଧି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉଭୟ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଇପିଏଫ୍ ପେନସନଭୋଗୀ ସ୍ଥାନୀୟ ଇପିଏଫ୍ କାର୍ଯ୍ୟାଳୟଠାରେ ଦିନ ୧୦ ଘଟିକାଠାରୁ ଅପରାହ୍ନ ୨ ଘଟିକା ଯାଏ ଧାରଣାରେ ବସିଥିଲେ। କେନ୍ଦୁଝର ଜିଲା ସଭାପତି ମକରଧ୍ୱଜ ନାୟକଙ୍କ ଅଧ୍ୟକ୍ଷତାରେ ଆସୋସିଏସନ୍‌ର ଜିଲା ସମ୍ପାଦକ ରମେଶ ଚନ୍ଦ୍ର ଘଡ଼େଇ, ଉପସଭାପତି ମହମ୍ମଦ ଅଝହର ଆନସାରୀ, ଉର୍ବଶୀ ମିଶ୍ର, ପ୍ରମୋଦ ସ୍ୱାଇଁ, ଭାବଗ୍ରାହୀ ରାଉତ ପ୍ରମୁଖ ଉଦ୍‌ବୋଧନ ଦେଇ ଇପିଏଫ୍ ପେନସନଭୋଗୀମାନଙ୍କର ବହୁବିଧ ସମସ୍ୟା ତଥା ସେ ସବୁର ସମାଧାନ ଦିଗରେ କେନ୍ଦ୍ର ସରକାରଙ୍କ ଚରମ ଉଦାସୀନତା ବାବଦରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାର ସମସ୍ୟାର ତୁରନ୍ତ ସମାଧାନ ନକଲେ ଆଗାମୀ ଦିଗରେ ରାଜ୍ୟରେ ଥିବା ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଓ ସମଗ୍ର ଦେଶରେ ୭୦ ଲକ୍ଷରୁ ଅଧିକ ପେନସନଭୋଗୀ ବରିଷ୍ଠ ନାଗରିକ ଭୋଟ ବର୍ଜନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଥିଲେ। ଶେଷରେ ଏମ୍‌ଡି ଗାଲିବ ହାସାମ ଧନ୍ୟବାଦ ପ୍ରଦାନ କରିଥିଲେ।



ଧାରଣାରତ ସଂଘ କର୍ମକର୍ତ୍ତା।

# ଭବିଷ୍ୟନିଧି ପାଣ୍ଠି ପେନସନ୍‌ଭୋଗୀଙ୍କ ବିକ୍ଷୋଭ

ବାଲେଶ୍ୱର ଅଫିସ, ୨୭।୨

ବାଲେଶ୍ୱରସ୍ଥିତ ସହକାରୀ ଭବିଷ୍ୟନିଧି ପାଣ୍ଠି କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭବିଷ୍ୟନିଧି ପାଣ୍ଠିରୁ ମାସିକ ପେନସନ ପାଉଥିବା ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାର ପ୍ରାୟ ୫ଶହ କର୍ମଚାରୀ ଆଇଟିଆଇ ଛକରୁ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ଆହ୍ୱାନରେ ସୋମବାର ଏକ ଶୋଭାଯାତ୍ରାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାଲେଶ୍ୱର ଜିଲା ଆସୋସିଏଶନ ସଭାପତି ଇଂ. ଅନାଦି ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଲେଶ୍ୱର ଜିଲା ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ଓ ରାଜ୍ୟ ଏବଂ ଜିଲା ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଇପିଏଫ୍ ପେନସନ୍‌ଭୋଗୀଙ୍କର ୪ଦଫା ଦାବି ଯଥାର୍ଥତା ସମ୍ପର୍କରେ ଆଲୋଚନା କରି ଦେଶର ୭୬ ଲକ୍ଷ ବରିଷ୍ଠ ନାଗରିକଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବିଚାରର ଦୃଢ଼ ନିନ୍ଦା କରିଥିଲେ। ସର୍ବନିମ୍ନ ମାସିକ ପେନସନ ୧ହଜାର ଟଙ୍କାକୁ ବୃଦ୍ଧି କରି ୯ହଜାର ଟଙ୍କା, ଅଧିକ ବେତନ ପାଉଥିବା କର୍ମଚାରୀଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁଯାୟୀ ଅଧିକ ପେନସନ୍, ପେନସନ୍ ସହ ମହଙ୍ଗାଭତ୍ତା ଓ ସରକାରୀ ସ୍ୱାସ୍ଥ୍ୟ ବୀମା ଯୋଜନା ଦାବି କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଆଇଏନ୍‌ଟିୟୁସିର ଜିଲା ସଭାପତି ସୁରେଶ ଚନ୍ଦ୍ର ବେହେରା, ସିଆଇଟିୟୁର ଜିଲା ଆବାହକ ରାଜକିଶୋର ଲେଙ୍କା, ଏଆଇଟିୟୁସିର ଜିଲା କାର୍ଯ୍ୟକାରୀ ସଭାପତି ମାୟାଧର ନାୟକ, ଏଚ୍‌ଏମ୍‌ଏସ୍‌ର ସମ୍ପାଦକ ଅରୁଣ କୁମାର ସ୍ୱାଇଁ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସୀତାରାମ ପ୍ରଧାନ, ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ବୀମା ନିଗମ କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ବିଦ୍ୟୁତ୍ କର୍ମଚାରୀ ନେତା ଭରତ ଚନ୍ଦ୍ର ସେଠୀ, ଇପିଏଫ୍ ଭଦ୍ରକ ଆସୋସିଏସନ୍‌ର ସଭାପତି କୁଞ୍ଜବିହାରୀ ନାୟକ, ମୟୂରଭଞ୍ଜ ଜିଲା ଉପସଭାପତି ମଧୁସୂଦନ ଜେନା, ବାଲିଆପାଳ ବ୍ଲକ ସଭାପତି ସନ୍ନ୍ୟାସୀ ବେହେରା, କଟକର ଇଂ. ବିଜୟ ନାୟକ ପ୍ରମୁଖ ବିକ୍ଷୋଭକାରୀ ବରିଷ୍ଠ ନାଗରିକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।




ପେନସନ୍‌ଭୋଗୀଙ୍କ ବିକ୍ଷୋଭ ପ୍ରଦର୍ଶନ।

## ସଂକ୍ଷେପରେ

### ନିଶା ନିବାରଣ କେନ୍ଦ୍ରରେ ଥିବା ବ୍ୟକ୍ତିଙ୍କ ମୃତ୍ୟୁ

ଢେଙ୍କାନାଳ ଅଫିସ,୨୭ା୨- ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଆମ୍ବବାହାଲି ଠାରେ ଥିବା ଏକ ନିଶାମୁକ୍ତି କେନ୍ଦ୍ରରେ ନିଶା ଛାଡିବା ପାଇଁ ରହୁଥିବା ସଞ୍ଜୟ ପୃଷ୍ଟି(୫୦)ଙ୍କ ସୋମବାର ମୃତ୍ୟୁ ହୋଇଯାଇଛି। ତାଙ୍କ ମୃତ୍ୟୁକୁ ନେଇ ପରିବାର ସଦସ୍ୟ ସନ୍ଦେହ ପ୍ରକାଶ କରିଛନ୍ତି। ନିଶା ନିବାରଣ କେନ୍ଦ୍ର କର୍ମଚାରୀଙ୍କ ନିର୍ଯାତନାର ଶିକାର ହୋଇ ସଞ୍ଜୟଙ୍କ ମୃତ୍ୟୁ ହୋଇଥିବା ସମ୍ପର୍କୀୟ ସୁଧୀର କୁମାର ସେନାପତି ଟାଉନ ଥାନା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଗଁଦିଆ ଥାନାରେ ନଂ. ୫।୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସକାଳେ ସଞ୍ଜୟ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସଂକ୍ରାନ୍ତରେ ଗଁଦିଆ ଥାନା ଅଧିକାରୀ ସତ୍ୟବ୍ରତ ଭୂତିଆ କୁହନ୍ତି, ତାଙ୍କ ଶରୀରରେ କୌଣସି ଠାରେ କ୍ଷତ ନ ଥିଲା। ଘଟଣାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ସତ୍ୟନାରାୟଣଙ୍କ ଜନ୍ମୋତ୍ସବ

ଢେଙ୍କାନାଳ ଅଫିସ,୨୭ା୨- ଢେଙ୍କାନାଳ ସଦର ବ୍ଲକ୍ ଗେଙ୍ଗୁଟିଆ ଗ୍ରାମର ଆରାଧ ଦେବତା ଶ୍ରୀ ସତ୍ୟନାରାୟଣ ଜୀଉଙ୍କ ୪ର୍ଥ ବାର୍ଷିକ ଜନ୍ମୋତ୍ସବ ଓ ବାଦପାଲା ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ କର୍ତ୍ତା ଭାବେ ନବକିଶୋର ସାହୁ ସସ୍ତ୍ରୀକ ଓ ପୁରୋଧା ଶାନ୍ତନୁ ମିଶ୍ର କାର୍ଯ୍ୟ ସମ୍ପନ୍ନ କରିଥିଲେ। ୬ଟି ଦଳ ସଂକୀର୍ତ୍ତନ ଦଳ ଏବଂ ଢୋଲବାଦ୍ୟ ସହ ନଗର ପରିକ୍ରମା କରାଯାଇଥିଲା। ସନ୍ଧ୍ୟା ସମୟରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ସହ ଆସ୍ଥାନ ପୂଜା ପୁରୋଧା ନର ନନ୍ଦ ସମାପନ କରିଥିଲେ। ଗାୟକ ଯୁବ ସମ୍ରାଟ ନୃସିଂହ ଚରଣ ହୋତା ଓ ଗାୟକ ପ୍ରବୀର ସନାତନ ଦାଶଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା । ଗ୍ରାମ କମିଟି ସଭାପତି ରମେଶ ଚନ୍ଦ୍ର ରାଉତ ଓ ଗ୍ରାମର ଉପଦେଷ୍ଟା ମଣ୍ଡଳୀ ପ୍ରମୁଖ ସହଯୋଗ କରିଥିଲେ।

# ବିଜ୍ଞାନ ଜ୍ଞାନ ବଢ଼ାଉଛି ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର

**ପିଲାଏ ଦେଖୁଛନ୍ତି ବିଜ୍ଞାନର ଚମତ୍କାରିତା। ଆହରଣ କରୁଛନ୍ତି ବିଜ୍ଞାନ ସମ୍ବନ୍ଧୀୟ ଅସୀମ ଜ୍ଞାନ। ପ୍ରାୟ ୧୫୦ ପ୍ରକାରର ପ୍ରକ୍ରିୟା ଏଠାରେ ପ୍ରଦର୍ଶିତ ହେଉଥିବା ବେଳେ ଆବଶ୍ୟକସ୍ଥଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ବୁଲୁଛି ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବସ୍। ଦୀର୍ଘ ୨୮ ବର୍ଷ ହେଲା ଏପରି ଭାବେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ଜ୍ଞାନ ବଢ଼ାଇ ଚାଲିଛି ଢେଙ୍କାନାଳରେ ଥିବା ରାଜ୍ୟର ଏକମାତ୍ର ଜିଲା ବିଜ୍ଞାନ କେନ୍ଦ୍ର। ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଏ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**

## ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ


ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର।

- ୨୮ ବର୍ଷ ହେଲା ଦେଖାଉଛି ବିଜ୍ଞାନର ଚମତ୍କାରିତା
- ପ୍ରାୟ ୧୫୦ ପ୍ରକାରର ପ୍ରକ୍ରିୟା ଦେଖୁଛନ୍ତି ପିଲା
- ପ୍ଲାନେଟାରିୟମ୍ ନିର୍ମାଣ ହେଲେ ମିଳନ୍ତା ଅଧିକ ତଥ୍ୟ

ରତନ ନାୟାର
ଢେଙ୍କାନାଳ ଅଫିସ,୨୭ା୨

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ପକ୍ଷରୁ ଗୋଟିଏ ଲେଖାଏ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଏବଂ ଜିଲା ବିଜ୍ଞାନ କେନ୍ଦ୍ର ମହାରାଷ୍ଟ୍ର ଓ ଓଡ଼ିଶାରେ ସ୍ଥାପନ କରାଯାଇଛି। ସେହିପରି ଗୋଟିଏ ଲେଖାଏଁ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ମଧ୍ୟପ୍ରଦେଶ ଏବଂ ଗୋଆରେ ପ୍ରତିଷ୍ଠା ହୋଇଛି। ଓଡ଼ିଶା କଥା ଦେଖିଲେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ବ୍ୟତୀତ ରାଜ୍ୟର କେବଳ ଢେଙ୍କାନାଳ ଜିଲାରେ ରହିଛି ଜିଲା ବିଜ୍ଞାନ କେନ୍ଦ୍ର। ବିଜ୍ଞାନ ସମ୍ପର୍କିତ ତଥ୍ୟ ଓ ଅନୁଭବ ହାସଲ ଆଶାରେ ବର୍ଷତମାମ ଏଠାରେ ଛାତ୍ରୀଛାତ୍ରଙ୍କ ଭିଡ଼ ଜମେ। କେବଳ ଢେଙ୍କାନାଳ ନୁହେଁ, ପଡୋଶୀ ଅନୁଗୋଳ, କଟକ ଜିଲା ସହ ରାଜ୍ୟର କୋଣ ଅନୁକୋଣରୁ ସ୍କୁଲ ଛାତ୍ରୀଛାତ୍ର ବିଜ୍ଞାନ ସମ୍ବନ୍ଧୀୟ ବାର୍ତ୍ତା ଓ ଜ୍ଞାନ କୌଶଳ ପାଇବା ଆଶାରେ ଏଠାକୁ ଆସିଥାନ୍ତି।

୧୯୯୫ ଜୁନ ୫ରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂହଦେଓଙ୍କ ଉଦ୍ୟମରେ ଢେଙ୍କାନାଳ ସହରରେ ପ୍ରତିଷ୍ଠା ହୋଇଥିବା ଜିଲା ବିଜ୍ଞାନ କେନ୍ଦ୍ରକୁ ତତ୍କାଳୀନ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ମାଧବରାଓ ସିନ୍ଧିଆ ଉଦ୍‌ଘାଟନ କରିଥିଲେ। ଏଠାରେ ପ୍ରାୟ ୧୫୦ ପ୍ରକାରର ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଆହରଣ ପାଇଁ ପ୍ରକ୍ରିୟା ପ୍ରଦର୍ଶିତ ହେଉଛି। ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ଖେଳ ମାଧ୍ୟମରେ ବିଜ୍ଞାନ ଶିକ୍ଷା ଦିଆଯାଉଥିବାରୁ ଏହା ସମସ୍ତଙ୍କ ପାଇଁ ଆକର୍ଷଣୀୟ ହୋଇପାରୁଛି। ପିଲାଙ୍କ ପାଇଁ ଏଠାରେ ତାରାମଣ୍ଡଳ, ଥ୍ରୀଡି ଫିଲ୍ମ ଶୋ' ଆଦି ରହିଛି। ଚନ୍ଦ୍ରଗ୍ରହଣ ସମୟରେ ଟେଲିସ୍କୋପ୍ ଜରିଆରେ ଚନ୍ଦ୍ରଗ୍ରହଣ ଦେଖିବାର ବ୍ୟବସ୍ଥା ହୋଇଛି। ସବୁଠାରୁ ବଡ଼ଗ୍ରହ ବୃହସ୍ପତିଙ୍କୁ ମଧ୍ୟ ଏଠାରୁ ଛାତ୍ରୀଛାତ୍ରମାନେ ଦେଖିଥାନ୍ତି। ବୃହସ୍ପତିଙ୍କ ଚତୁଃପାର୍ଶ୍ୱରେ ବୁଲୁଥିବା ୪ଟି ଚନ୍ଦ୍ରମା, ଯାହାକୁ ୧୬୦୯ ମସିହାରେ ପ୍ରଥମେ ଟେଲିସ୍କୋପ ମାଧ୍ୟମରେ ଗାଲିଲିଓ ଆବିଷ୍କାର କରିଥିଲେ, ସେ ସମ୍ପର୍କରେ ମଧ୍ୟ ଛାତ୍ରୀଛାତ୍ରମାନେ ଏହି ବିଜ୍ଞାନ କେନ୍ଦ୍ରରୁ ଜାଣିପାରୁଛନ୍ତି। ଏହି ଚନ୍ଦ୍ରମା ଗୁଡ଼ିକୁ ଗାଲିଲିଆନ ସାଟେଲାଇଟ୍, ଆଇଓ, ଜ୍ଞାନାମିଟ୍, କାଲିନେଫ୍ ବୋଲି କୁହାଯାଉଛି। ଛାତ୍ରୀଛାତ୍ରମାନେ ବିଜ୍ଞାନ ସମ୍ପର୍କିତ ଖେଳଣା ମଧ୍ୟ ଏଠାରେ ପ୍ରଦର୍ଶିତ କରନ୍ତି। ଏ ସମ୍ପର୍କରେ ଏଠାରେ ପ୍ରଶିକ୍ଷଣ ବି ଦିଆଯାଇଥାଏ। ଏତଦ୍‌ବ୍ୟତୀତ ଏହି କେନ୍ଦ୍ରରେ ଥିବା ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବସ୍ ଅଧିକାଂଶ ସମୟରେ ବିଭିନ୍ନ ଅଞ୍ଚଳର ଶିକ୍ଷାନୁଷ୍ଠାନକୁ ଯାଇ ପ୍ରଦର୍ଶନୀ ସହିତ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥାଏ। ସେହିପରି ଜିଲା ବିଜ୍ଞାନ କେନ୍ଦ୍ର ଅଧୀନରେ ଏହାର ଆଉ ଏକ ଅନୁଷ୍ଠାନ କପିଳାସ ପାଦଦେଶରେ ରହିଛି କପିଳାସ ବିଜ୍ଞାନ କେନ୍ଦ୍ର । ଏଥିରେ ୧୦୦ଟି ଆଇଟମର ପ୍ରଦର୍ଶନ ବ୍ୟବସ୍ଥା ରହିଛି।

ଚଳିତବର୍ଷ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଜିଲା ବିଜ୍ଞାନ କେନ୍ଦ୍ରର ଥିମ୍ ରହିଛି 'ବିଶ୍ୱ ବିଜ୍ଞାନ ବିଶ୍ୱ ହିତ ପାଇଁ'। ତେବେ ଆଷ୍ଟ୍ରୋନୋମିକାଲ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ ପାଇଁ ଏହାର ପରିସରରେ ଏକ ପ୍ଲାନେଟାରିୟମ୍‌ର ଆବଶ୍ୟକତା ରହିଛି। ଏହାଦ୍ୱାରା ଏଠାକୁ ଆସୁଥିବା ଛାତ୍ରୀଛାତ୍ରମାନେ ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିପାରିବେ। ଏଥିସହିତ ଏହାର ଭିତ୍ତିଭୂମିକୁ ଅଧିକ ବ୍ୟାପକ କରାଯାଇ ନୂତନ ଜ୍ଞାନ ଆହରଣର ବ୍ୟବସ୍ଥା କରାଯିବା ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ଜିଲା ବିଜ୍ଞାନ ଅଧିକାରୀ ମଥୁରୀ ମୋହନ ରାଉତ କହିଛନ୍ତି, ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଆହରଣ ନିମନ୍ତେ ଜିଲା ବିଜ୍ଞାନ କେନ୍ଦ୍ର ଏକ ପ୍ରକୃଷ୍ଟ ମାଧ୍ୟମ। ବର୍ତ୍ତମାନ ଛାତ୍ରୀଛାତ୍ରମାନେ ଏହି କେନ୍ଦ୍ରରେ ସ୍କାଏ ଅବଜରଭେଶନ ସମ୍ପର୍କରେ ଟେଲିସ୍କୋପ ମାଧ୍ୟମରେ ଜ୍ଞାନ ଆହରଣ କରୁଛନ୍ତି ।


ବିଜ୍ଞାନ କେନ୍ଦ୍ର ପରିସରରେ ପିଲାଙ୍କୁ ୱାଟର ରକେଟ୍ ଦେଖାଯାଉଛି।

### ୨୨ରୁ ୨୮ ଯାଏ ସ୍କାଏ ଅବଜରଭେଶନ

ଚଳିତବର୍ଷ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରରେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗତ ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସ୍କାଏ ଅବଜରଭେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିସହିତ ରକେଟକୁ କିଭଳି ପ୍ରେସର ଦେଇ ଛଡାଯାଏ, ସେଥିପାଇଁ ୱାଟର ରକେଟ୍ ପ୍ରଦର୍ଶିତ ହେଉଛି। ବିଜ୍ଞାନ ଭିତ୍ତିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ୨୯ ଜଣଙ୍କୁ ପୁରସ୍କୃତ ପାଇଁ ମନୋନୀତ କରାଯାଇଛି। ବିଜ୍ଞାନ ଦିବସରେ ଏହି କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା ହୋଇଛି। ବିଶିଷ୍ଟ ବୈଜ୍ଞାନିକ ସାର୍ ସି.ଭି. ରମଣଙ୍କ ସ୍ମୃତିରେ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି। ସୋମବାର ଅନୁଗୋଳ ଜିଲା ତାଳଚେର ଅନନ୍ତ ବିହାର ଡିଏଭି ସ୍କୁଲର ବହୁ ଛାତ୍ରୀଛାତ୍ର ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରି ଏହାର ମଜା ନେଇଥିଲେ। ଗତ ୨୪ ତାରିଖରେ ଜିଲାର ମୂକ,ବଧିର ବିଦ୍ୟାଳୟର ୪୩ ଛାତ୍ରୀଛାତ୍ର ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଥିଲେ।

### ବର୍ଷକୁ ଦେଖୁଛନ୍ତି ଲକ୍ଷେରୁ ଅଧିକ ପିଲା

ପ୍ରତିବର୍ଷ ରାଜ୍ୟର ବିଭିନ୍ନ ଜିଲାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରୁଛନ୍ତି। ଏଥିପାଇଁ ଦେୟ ଧାର୍ଯ୍ୟ କରାଯାଇଥିବା ବେଳେ ପରିବାର ସହ ଜନସାଧାରଣ ବିଜ୍ଞାନ କେନ୍ଦ୍ର ପରିଦର୍ଶନ କଲେ ଜଣପିଛା ୨୦ ଟଙ୍କା ଦେବାକୁ ପଡୁଛି। ସରକାରୀ ସ୍କୁଲର ପ୍ରତି ଛାତ୍ରୀଛାତ୍ରଙ୍କ ପାଇଁ ୫ ଟଙ୍କା ଲେଖାଏଁ ଏବଂ ଘରୋଇ ସ୍କୁଲର ପ୍ରତି ଛାତ୍ରୀଛାତ୍ରଙ୍କ ପାଇଁ ୧୦ ଟଙ୍କା ଲେଖାଏଁ ନିଆଯାଉଛି।



ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବସ୍।

## ମେଡିକାଲ ପରିଦର୍ଶନ କଲେ ଉପଜିଲାପାଳ


ଜଣେ ରୋଗୀଙ୍କ ସହ ଉପଜିଲାପାଳ ଆଲୋଚନା କରୁଛନ୍ତି।

କାମାକ୍ଷାନଗର,୨୭ା୨(ଡି.ଏନ.ଏ.)

କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ସୋମବାର କାମାକ୍ଷାନଗର ଉପଖଣ୍ଡ ମେଡିକାଲ ପରିଦର୍ଶନ କରିଛନ୍ତି। ଉପଜିଲାପାଳ ପ୍ରଥମେ ନିରାମୟ କେନ୍ଦ୍ର ବୁଲି ଦେଖିଥିଲେ। ପରେ ପ୍ରତି ୱାର୍ଡ ପରିଦର୍ଶନ କରି ରୋଗୀଙ୍କ ସହ ଆଲୋଚନା କରିଥିଲେ। ଠିକ୍ ସମୟରେ ସେବା ମିଳୁଛି କି ନାହିଁ, ୱାର୍ଡକୁ ଡାକ୍ତରମାନେ ପରିଦର୍ଶନରେ ଆସୁଛନ୍ତି କି ନାହିଁ ପଚାରି ବୁଝିଥିଲେ। ନିରାମୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ଔଷଧ ଅଛି କି ନାହିଁ ସେ ବିଷୟରେ ମଧ୍ୟ ପ୍ରଶ୍ନ କରିଥିଲେ। ଏହି ଅବସରରେ ମେଡିକାଲ ଭିତର ଏବଂ ବାହାର ପରିବେଶ ଅତ୍ୟନ୍ତ ଦୂଷିତ ଥିଲା। ଏହାକୁ ଦେଖି ଉପଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ତୁରନ୍ତ ଏହାକୁ ସଫା କରିବାକୁ ମେଡିକାଲ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କ ଏପରି ପରିଦର୍ଶନକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ବାଲିଘାଟରେ ଚଢ଼ାଉ, ୧୦ ଗାଡ଼ି ଜବତ

କାମାକ୍ଷାନଗର,୨୭ା୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅରାଛୁଆ ନିକଟରେ ଥିବା ବାଲିଘାଟରେ ସୋମବାର ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଛି। ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଖବରପାଇ କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରି ୩ଟି ହାଇୱା, ଗୋଟିଏ ଟିପ୍ପର ଏବଂ ୬ଟି ଟ୍ରାକ୍ଟର ଜବତ କରିଛି। ଜବତ ଗାଡ଼ିକୁ କାମାକ୍ଷାନଗର ଥାନାକୁ ଅଣାଯାଇଛି। ଏହି ଚଢାଉରେ କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ, ତହସିଲଦାର ଓମ୍‌ପ୍ରକାଶ ମହାନ୍ତି, ଥାନାଧିକାରୀ ଶରତ ଚନ୍ଦ୍ର ମହାଲିକଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।



## ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମିଲେଟ କାଫେ

ଢେଙ୍କାନାଳ ଅଫିସ,୨୭ା୨

ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ମିଲେଟ୍ କାଫେ ଉଦ୍‌ଘାଟିତ ହୋଇଯାଇଛି। ମିଶନ ଶକ୍ତି ସହଯୋଗରେଓଁ ମା ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଏହି ମିଲେଟ କାଫେକୁ ଜିଲାପାଳ ସରୋଜ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀଦ୍ୱାରା ପ୍ରସ୍ତୁତ ଖାଦ୍ୟ ଓ ଗୃହ ଉପକରଣ ବିକ୍ରି କରାଯିବ। ଉପଜିଲପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ପୌର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, ସଦର ବ୍ଲକ ବିଡିଓ ସୁଧୀର କୁମାର ନାୟକ, ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ମୋନାଲିସା ଭଞ୍ଜ ଏବଂ ଓଁ ମା ଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ମାଣ୍ଡିଆ ସମସ୍ତଙ୍କ ପାଇଁ ଏକ ଉପାଦେୟ ଖାଦ୍ୟ ହୋଇଥିବାରୁ ଏହାର ବହୁଳ ବ୍ୟବହାର ନିମନ୍ତେ ରାଜ୍ୟ ସରକାର ପ୍ରୋତ୍ସାହିତ କରୁଥିବା ବେଳେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମିଲେଟ କାଫେ ଖୋଲାଯାଇ ମହିଳାମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରାଯାଉଛି।


ମିଲେଟ କାଫେକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

## ବ୍ଲୁ ଷ୍ଟାର କ୍ରିକେଟ: ଗାଲପଡ଼ା ଚାମ୍ପିୟନ

ଢେଙ୍କାନାଳ ଅଫିସ,୨୭ା୨

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସଞ୍ଚପଡା ପଞ୍ଚାୟତ ଘୁଡୁଘୁଡ଼ା ଗ୍ରାମ ପଡିଆରେ ବ୍ଲୁ ଷ୍ଟାର ଚ୍ୟାଲେଞ୍ଜ କପ୍ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଜୟଭୀମ ଟାଇଗର ଗାଲପଡା ଓ ଖାମଣା ଇଲେଭେନ ଷ୍ଟାର ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ଭୀମ ଟାଇଗର କ୍ରିକେଟ କ୍ଲବ ଗାଲପଡା ବ୍ୟାଟିଂ କରି ୧୪୫ରନ ସଂଗ୍ରହ କରିଥିଲା। ଜବାବରେ ଖାମଣା ଇଲେଭେନ ଷ୍ଟାର ୧୩୩ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଆମ୍ବେଡକର ସେବା ସଙ୍ଗଠନର ସଭାପତି କୈଳାଶ ଚନ୍ଦ୍ର ନାଏକ, ଗୋବର୍ଦ୍ଧନ ଶେଖର ନାଏକ, ବନଜ ନାଏକ, ଓଡିଶା ଦଳିତ ଅଧିକାର ମଞ୍ଚ ହିନ୍ଦୋଳ ଶାଖା ସଭାପତି ଅନନ୍ତ ନାଏକ, ପ୍ରଶାନ୍ତ କୁମାର ନାଏକ, ଆମନା କ୍ଲଷ୍ଟର ସିଆରସିସି ନରୋତ୍ତମ ନାଏକ, ସାମାଜିକ କର୍ମୀ ମାୟାଧର ନାଏକ ଯୋଗ ଦେଇଥିଲେ। ଚାମ୍ପିୟନ ରନର୍ସଅପ୍ ଦଳକୁ ପୁରସ୍କୃତ କରାଯାଇଥିଲା। ସୁନୀଲ ନାଏକ ଓ ଅନୀଲ ନାଏକ ମ୍ୟାଚ ପରିଚାଳନା କରିଥିଲେ। କନ୍ଦର୍ପ ନାଏକ ଧାରା ବିବରଣୀ ଦେଇଥିଲେ। ବ୍ଲୁ ଷ୍ଟାର ଚ୍ୟାଲେଞ୍ଜ କପ୍‌ର ସଭାପତି ଚନ୍ଦନ ନାଏକ ସଭା ପରିଚାଳନା କରିଥିଲେ। କ୍ଲବ ସଦସ୍ୟ ସୁନୀଲ ନାଏକ, ଭଗବାନ ନାଏକ, ପ୍ରଶାନ୍ତ ନାଏକ, ରୁଚିର ନାଏକ, ସିପୁନ ନାଏକ, ଦିଲୀପ ନାଏକ, ଗୋପାଳ ନାଏକ, ମଦନ ନାଏକ, ଶିବନାରାୟଣ ନାଏକ, ଅର୍ଜୁନ ନାଏକ, ସୁଶାନ୍ତ ନାଏକ, ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।


ଗାଲପଡା ଚାମ୍ପିୟନ ଟିମ୍‌ର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

## ଷ୍ଟୁଡିଓ ମାଲିକଙ୍କ ମୃତ୍ୟୁ ରହସ୍ୟ ଘେରରେ

ଢେଙ୍କାନାଳ ଅଫିସ,୨୭ା୨

- ଅଭିଯୁକ୍ତମାନଙ୍କ ସମ୍ପର୍କରେ ପ୍ରମାଣ ଖୋଜୁଛି ପୋଲିସ
- ଘଟଣାକୁ ନେଇ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା

ଢେଙ୍କାନାଳ ସହର ୭ନଂ. ୱାର୍ଡରେ ରହୁଥିବା ଫଟୋଲାଇନ ଷ୍ଟୁଡିଓ ମାଲିକ ତଥା ବିଶିଷ୍ଟ ଫଟୋଗ୍ରାଫର ସଚ୍ଚିଦାନନ୍ଦ ନାୟକ ଓରଫ୍ ବାବୁଲି(୫୦)ଙ୍କ ଝୁଲନ୍ତା ମୃତଦେହ ଶନିବାର ସନ୍ଧ୍ୟାରେ ସଦର ଥାନା ଗୋହିରାଖାଲ ଠାରେ ଜଣେ ସମ୍ପର୍କୀୟଙ୍କ ଫାର୍ମ ହାଉସ ପରିସରରେ ଥିବା ପରିତ୍ୟକ୍ତ ଘରୁ ପୋଲିସ ଜବତ କରିଥିଲା। ତେବେ ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ଘଟଣା ଉପରୁ ପରଦା ହଟିପାରି ନ ଥିବାରୁ ଏହାକୁ ନେଇ ରହସ୍ୟ ବଢିବାରେ ଲାଗିଛି। ଯେଉଁ ସୁଧ ପ୍ରଦାନକାରୀଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି, ସେମାନଙ୍କ ବିରୋଧରେ ପୋଲିସ ପ୍ରମାଣ ଖୋଜିବା ଆରମ୍ଭ କରିଛି। ଏପରି କି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୋସିଆଲ ମିଡିଆରେ ଦିଆଯାଉଥିବା ପ୍ରତିକ୍ରିୟା ସବୁ ଭାଇରାଲ ହେବାରେ ଲାଗିଛି। ଅଭିଯୁକ୍ତମାନେ ମଧ୍ୟ ଲୁଚାଛପାରେ ବିଭିନ୍ନ ଲୋକମାନଙ୍କୁ ଯୋଗାଯୋଗ କରି ସଫେଇ ଦେବା ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି।


ସଚ୍ଚିଦାନନ୍ଦ ନାୟକ ଓରଫ୍ ବାବୁଲି
(ଫାଇଲ ଫଟୋ)

ପ୍ରକାଶ ଯେ, ସଚ୍ଚିଦାନନ୍ଦ ନିଜ ବ୍ୟବସାୟ ପାଇଁ କେତେଜଣ ବ୍ୟକ୍ତିଙ୍କ ଠାରୁ ଟଙ୍କା କରଜ କରିଥିଲେ ମଧ୍ୟ ଋଣ ପରିଶୋଧ ବାବଦକୁ ବହୁ ଅର୍ଥ ପ୍ରଦାନ କରିଛନ୍ତି। ଏସବୁ ସତ୍ତ୍ୱେ ଋଣ ପ୍ରଦାନକାରୀ ବ୍ୟକ୍ତିମାନଙ୍କ ଚାପ ଏବଂ ଅଧିକ ସୁଧ ମାଗିବା, ଧମକଚମକ ଦେବା ତାଙ୍କୁ ଆହୁରି ଭାରାକ୍ରାନ୍ତ କରିଥିଲା। ଫଳରେ ସେ ଅଧିକାଂଶ ସମୟରେ ଚିନ୍ତାଗ୍ରସ୍ତ ରହୁଥିଲେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ଏହି ଘଟଣାରେ ନଂ. ୧୫୫।୨୩, ଦଫା-୩୦୬ ଓ ୩୪ରେ ଏକ ମାମଲା ରୁଜୁକରି ସଦର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ମାମଲାରେ ୩ଜଣ ବ୍ୟକ୍ତିଙ୍କ ନାମରେ ଅଭିଯୋଗ ରହିଛି। ଅନ୍ୟପଟରେ ସୁଧ କାରବାର କରୁଥିବା ବ୍ୟକ୍ତିମାନେ ନିୟମ କିମ୍ବା ବେନିୟମ ଭାବେ ଏହା କରୁଛନ୍ତି, ସେ ସମ୍ପର୍କରେ ତଦନ୍ତ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ କହିଛନ୍ତି, ଅଭିଯୁକ୍ତମାନଙ୍କ ସମ୍ପର୍କରେ ପ୍ରମାଣ ଖୋଜାଯାଉଛି। କିଏ, କେତେବେଳେ ଓ କେତେଟଙ୍କା ଋଣ ଦେଇଛନ୍ତି ଏବଂ ସୁଧ ଆକାରରେ କେତେ ଟଙ୍କା ପାଇଛନ୍ତି, ତାହାର ପ୍ରମାଣ ଖୋଜିବା ସହିତ ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏସବୁ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

